بسم الله الرحمن الرحيم

# ୨୪ ଅଗଷ୍ଟ ୨୦୧୮ ଖୁତବା ଜୁମାର ସାରାଂଶ
## ସ୍ଥାନ-ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍

**ଆଁ ହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦର ସାହାବା ହଜ଼ରତ୍ ଆସିମ୍ ବନ୍ ସାବତ୍, ହଜ଼ରତ୍ ସହଲ୍ ବନ୍ ହନଫ୍ ଅନସାର, ହଜ଼ରତ୍ ଜବ୍ବାର୍ ବନ୍ ସଖର୍ ର.ଅ.ଅଙ୍କ ଜୀବନୀର ବଶ୍ୱାସ ବର୍ଦ୍ଧକ ତଥା ହୃଦୟବଦାରକ ଏବଂ ଦୁଃଖଦାୟକ ଘଟଣାବଳୀର ମନମୁଗ୍ଧକର ଚର୍ଚ୍ଚା ।**

ତଶହୁଦ୍ ତାଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁର୍ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେହିଲ୍ ଅଜ଼ିଜ୍ କହିଲେ ଯେ, ମୁଁ କେତେକ ବଦରୀ ସାହାବାମାନଙ୍କ ସମ୍ପର୍କରେ ଆଲୋଚନା କରିବି I ତନ୍ମଧ୍ୟରୁ ସର୍ବପ୍ରଥମ ସାହାବି ହେଉଛନ୍ତି ହଜ଼ରତ୍ ଆସିମ୍ ବିନ୍ ସାବିତ୍ I ସେ ଆଁହଜ଼ରତ୍ ସ.ଅଙ୍କ ଜଣେ ସାହାବି ଥିଲେ I ତାଙ୍କ ପିତାଙ୍କ ନାମ ଥିଲା ସାବିତ୍ ବିନ୍ କୈସ୍ , ଏବଂ ମାତାଙ୍କ ନାମ ଶମୂସ୍ ବିନତ୍ ଅବି ଆମିର୍ ଥିଲା I ହୁଜୁର୍ ସ.ଅ ତାଙ୍କ ଅର୍ଥାତ୍ ହଜ଼ରତ୍ ଆସିମ୍ ଏବଂ ହଜ଼ରତ୍ ଅବ୍ଦୁଲ୍ଲାଃ ଇବନେ ହଜଶ୍ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ I ଓହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ କୁଫ୍ଫାରମାନେ ହଠାତ୍ ଏକ ବଡ଼ ଧରଣର ଆକ୍ରମାଣ କରିବା ଫଳରେ ମୁସଲମାନମାନେ କ୍ଷିପ୍ତ ବିକ୍ଷିପ୍ତ ହୋଇଗଲେ ସେତେବେଳେ ହଜ଼ରତ୍ ଆସିମ୍ ଆଁହଜ଼ରତ୍ ସ.ଅଙ୍କ ସହିତ ଦୃଢ଼ ଓ ଅବିଚଳ ଭାବେ ଛିଡ଼ାହୋଇ ରହିଥିଲେ I ସେ ମୃତ୍ୟୁର ନିକଟବର୍ତ୍ତୀ ସମୟରେ ହୁଜୁର୍ ସ.ଅଙ୍କ ହସ୍ତରେ ବୈତ୍ କରିଥିଲେ I ସେ ହୁଜୁର୍ ସ.ଅଙ୍କ ମନୋନୀତ ନିର୍ଦ୍ଦିଷ୍ଟ ତୀରନ୍ଦାଜ଼ ଅର୍ଥାତ୍ ଧନୁର୍ଧର ଚାଳନକାରୀ ବ୍ୟକ୍ତିଙ୍କ ମଧ୍ୟରେ ଶାମିଲ୍ ଥିଲେ I ସେ ଓସ୍ ସଂପ୍ରଦାୟଭୁକ୍ତ ଥିଲେ, ବଦର୍ ଯୁଦ୍ଧରେ ଶାମିଲ୍ ଥିଲେ I ହୁଜୁର୍ ସ.ଅ ବଦର୍ ଯୁଦ୍ଧ ଦିନ ନିଜ ସାହାବାମାନଙ୍କୁ ପ୍ରଶ୍ନ କଲେ ଯେ, ଯେତେବେଳେ ତୁମେମାନେ ଶତ୍ରୁ ବିପକ୍ଷରେ ଲଢ଼ିବ ସେତେବେଳେ ତୁମେମାନେ ସେମାନଙ୍କ ସହିତ ଯୁଦ୍ଧ କିପରି କରିବ ? ହଜ଼ରତ୍ ଆସିମ୍ ଉତ୍ତର ଦେଲେ ଯେ, ହେ ରସୁଲୁଲ୍ଲାଃ ଯେତେବେଳେ କୌଣସି ଯୁଦ୍ଧପ୍ରିୟ ଜାତି ଆମମାନଙ୍କର ନିକଟତର ହୋଇଯିବେ ସେତେବଳେ ଆମକୁ ଏହା ପ୍ରତିତ ହେବ ଯେ, ଆମର ତୀର ସେମାନଙ୍କ ନିକଟକୁ ପହଞ୍ଚି ପାରିବ ସେତେବେଳେ ଆମେ ସେମାନଙ୍କ ଉପରକୁ ତୀର ବର୍ଷଣ କରିବୁ I ପୁନଶ୍ଚ ଯେତବେଳେ ସେମାନେ ଆମର ଆହୁରି ନିକଟବର୍ତ୍ତୀ  ହୋଇଆସିବେ ଆମେ ଯେ, ଆମମାନଙ୍କୁ ଏହା ପ୍ରତୀତ ହେବ ଯେ, ଆମମାନଙ୍କର ପଥର ଖଣ୍ଡ ସେମାନଙ୍କ ପାଖକୁ ପହଞ୍ଚିପାରିବ ସେତେବେଳେ ଆମେମାନେ ସେମାନଙ୍କ ଉପରକୁ ପଥରଖଣ୍ଡ ଫିଙ୍ଗିବୁ I ପୁନଶ୍ଚ ଯେତବେଳେ ସେମାନେ ଆମର ଆହୁରି ନିକଟବର୍ତ୍ତୀରୁ ଅତ୍ୟନ୍ତ ନିକଟତର ହୋଇଯିବେ ସେତେବେଳେ ଆମମାମନଙ୍କୁ ଏହା ପ୍ରତୀତ ହେବ ଯେ, ଆମମାନଙ୍କର ବର୍ଚ୍ଛା ସେମାନଙ୍କ ପାଖକୁ ପହଞ୍ଚିଯିବ ସେ ପରିପ୍ରେକ୍ଷୀରେ ଆମେମାନେ ବର୍ଚ୍ଛା ବିଦ୍ୟାର କୌଶଳକ୍ରମେ ଏହାର ପ୍ରୟୋଗ କରି ସେମନାଙ୍କ ଉପରକୁ ବର୍ଚ୍ଛା ବର୍ଷଣ କରିବୁ I ପୁନଶ୍ଚ ଯଦି ବର୍ଚ୍ଛାଗୁଡ଼ିକ ମଧ୍ୟ ଭାଙ୍ଗିଯାଏ ତେବେ ସେ ପରିପ୍ରେକ୍ଷୀରେ ଆମେମାନେ ସେମାନଙ୍କୁ ତରବାରୀ ସାହାଯ୍ୟରେ ହତ୍ୟା କରିବୁ I ଏହାର ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ ଯେ, ଏହିଭଳି ଶୈଳୀ ବା କୌଶଳ ଅବଲମ୍ବନ କରିବା ଦ୍ୱାରା ହିଁ ଯୁଦ୍ଧ କରାଯାଏ I ପୁନଶ୍ଚ ହୁଜୁର୍ ସ.ଅ କହିଲେ ଯେ, ଯେକୌଣସି ବ୍ୟକ୍ତି ହେଉ ନା କାହିଁକି ସେ ହଜ଼ରତ୍ ଆସିମ୍ ବିନ୍ ସାବିତଙ୍କ କୌଶଳ ତଥା ଶୈଳୀ ଅନୁଯାୟୀ ହିଁ ଯୁଦ୍ଧ କରୁ I

ଏକ (ରିୱାୟତରେ) ବର୍ଣ୍ଣନାରେ ଦେଖିବାକୁ ମିଳେ ଯେ,ହଜ଼ରତ୍ ଅଲୀ ର.ଅ ଓହୋଦ୍ ଯୁଦ୍ଧ ଦିନ ନିଜର ଖଡ଼ଗ ଧରି ଆସିଲେ, ଯେଉଁ ଖଡ଼ଗଟି କି ଅତ୍ୟଧିକ ଯୁଦ୍ଧ କରିବା ଫଳରେ ବଙ୍କା ହୋଇଯାଇଥିଲା I ହଜ଼ରତ୍ ଅଲୀ ହଜ଼ରତ୍ ଫାତିମା ର.ଅଙ୍କୁ କହିଲେ ମୋର ଏପରି ପ୍ରଶଂସନୀୟ ଖଡ଼ଗକୁ ରଖି ଦିଅ I ଏହା ଯୁଦ୍ଧଭୂମିରେ ବହୁତ ଉପାଦେୟ ତଥା ଫଳପ୍ରଦ ସାବ୍ୟସ୍ତ ହୋଇଛି I ଏହାର ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ ହେ ଅଲୀ ଯଦି ଆଜି ତୁମେ ଯୁଦ୍ଧଭୂମିରେ ନିଜ ତରବାରୀ ପରାକ୍ରମତା ତଥା କୌଶଳତାର ପରିଚୟ ଦେଇଅଛ ତେବେ ସହଲ୍ ବିନ୍ ହନିଫ୍ ଓ ଅବୁ ଦୁଜାନା ଓ ଆସିମ୍ ବିନ ସାବିତ୍ ଏବଂ ହାରିସ୍ ବିନ୍ ସମାଃ ମାନେ ମଧ୍ୟ ଯୁଦ୍ଧଭୂମିରେ ନିଜ ଖଡ଼ଗର ପରାକ୍ରମତା ତଥା କୌଶଳତାର ପରିଚୟ ଦେଇଅଛନ୍ତି I

ଉଜ଼ଲ୍ ଏବଂ କାରାଃର କେତେକ ବ୍ୟକ୍ତି ହୁଜୁର ସ.ଅଙ୍କ ସମ୍ମୁଖରେ ସଫର୍ ମାସ ୪ ତାରିଖ ହିଜରୀରେ ଉପସ୍ଥିତ ହେଲେ ଏବଂ କହିବାକୁ ଲାଗିଲେ ଯେ, ଆମ୍ଭ ସଂପ୍ରଦାୟମାନଙ୍କ ମଧ୍ୟରୁ ଅନେକ ଲୋକ ଇସଲାମ୍ ଧର୍ମାମୁଖୀ ହେଉଛନ୍ତି  ଯଦି ଆପଣ ଆମମାନଙ୍କ ସହିତ କେତେକ ବ୍ୟକ୍ତିଙ୍କୁ ଯିବାପାଇଁ ଅନୁମତି ଦିଅନ୍ତି ତାହାହେଲେ ଖୁବ ଭଲ ହୁଅନ୍ତା ଏବଂ ସେହି ବ୍ୟକ୍ତିମାନେ ଯେଉଁମାନେ କି ଆମମାନଙ୍କୁ ଇସଲାମ୍ ଧର୍ମ ସଂକ୍ରାନ୍ତରେ ଶିକ୍ଷା ଦିଅନ୍ତେ I ଅତଃ ଆଁହଜ଼ରତ୍ ସ.ଅ ଆସିମ୍ ବିନ୍ ସାବିତଙ୍କ ଅଧ୍ୟକ୍ଷତା ତଥା ତତ୍ତ୍ୱାବଧାନରେ ସେହି ଉଜ଼ଲ୍ ଏବଂ କାରାଃର କେତେକ ବ୍ୟକ୍ତିଙ୍କ ସହ ପଠାଇଲେ ବା ପ୍ରେରଣ କଲେ I କିନ୍ତୁ ବାସ୍ତବରେ ଏହି ଲୋକମାନେ ମିଥ୍ୟାଚାରୀ ତଥା ବିଶ୍ୱସାଘତକକାରୀ ଥିଲେ ଏବଂ ବନୁ ଲହୟାନଙ୍କ ଉସକାଇବା ତଥା ପ୍ରରୋଚନା କ୍ରମେ ମଦିନାକୁ ଆସିଥିଲେ I ଯେଉଁମାନେ କି ନିଜର ଅଧିପତି ବା ଅଧ୍ୟକ୍ଷ ସୁଫୟାନ୍ ବିନ୍ ଖାଲିଦଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ସେମାନେ ଏହି ଷଡ଼ଯନ୍ତ୍ର ବା ଚକ୍ରବ୍ୟୁହ ରଚିଥିଲେ ଏବଂ ସେମାନେ ଇସଲାମ୍ ଧର୍ମକୁ ଆଳ କରି ଏହି ଯୋଜନାଟି ପ୍ରସ୍ତୁତ କରିଥିଲେ ଯେ, ଯେତେବେଳେ  ମୁସଲମାନମାନେ ମଦିନାରୁ ବାହାରକୁ ଚାଲିଆସିବେ ସେତେବେଳେ ସେମାନେ (ଅର୍ଥାତ୍ ଏହି ଉଜ଼ଲ୍ ଏବଂ କାରାଃର ଲୋକମାନେ) ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେବେ I ବନୁ ଲହୟାନ୍ ସଂପ୍ରଦାୟ ଏହି ସେବାକର୍ମ ପାଇଁ ଏହା ବଦଳରେ ଉଜ଼ଲ୍ ଏବଂ କାରାଃରର ଲୋକମାନଙ୍କ ପାଇଁ ଅନେକ ଓଟଗୁଡ଼ିକ ଉପହାର ସ୍ୱରୂପ ଦେବା ପାଇଁ ସ୍ଥିର କରିଥିଲେ I ଉଜ଼ଲ୍ ଏବଂ କାରାଃରର ଏହି ବିଶ୍ୱାସଘାତକତା କରିଥିବା ଲୋକମାନେ ଯେତେବେଳେ ମକ୍କା ଏବଂ ଅସଫାନ୍ ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ଏହି ଲୋକମାନେ ଅର୍ଥାତ୍ ଉଜ଼ଲ୍ ଏବଂ କାରାଃର

ଲୋକମାନେ ବନୁ ଲହୟାନଙ୍କୁ ଗୁପ୍ତ ଭାବେ ସୂଚନା ପ୍ରେରଣ କଲେ ଯେ, ମୁସଲମାନମାନେ ଆମ ସହିତ ଆସୁଛନ୍ତି ତୁମେମାନେ ସେମାନଙ୍କୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ହୋଇ ଚାଲିଆସ । ବନୁ ଲହୟାନ୍ ସଂପ୍ରଦାୟ ଏହି ଗୁପ୍ତ ସୂଚନା କ୍ରମେ ୨୦୦ ଯୁବକମାନଙ୍କୁ ସାଙ୍ଗରେ ଧରି ଆସିଲେ ଏବଂ ସେମାନଙ୍କ ମଧ୍ୟରେ ୧୦୦ ଜଣ ତୀରନ୍ଦାଜ୍ ମଧ୍ୟ ରହିଥିଲେ । ସେମାନେ ମୁସଲମାନମାନଙ୍କ ସନ୍ଧାନରେ ବାହାରିପଡ଼ିଲେ ଏବଂ ରଜିଈ୍ ନାମକ ଏକ ସ୍ଥାନରେ ସେହି ସାହାବାମାନଙ୍କୁ ହତ୍ୟା କଲେ । ଏହି ଯୁଦ୍ଧ ବିଭିଷିକାରେ ଆସିମ୍ ଏବଂ ତାଙ୍କର ସହଯୋଗୀମାନେ ସଂଘର୍ଷ କରି ପରିଶେଷରେ ସେମାନେ ମୃତ୍ୟୁର ଅମୃତକୁ ପାନ କରି  ବୀରଗତି ପ୍ରାପ୍ତ କଲେ । ଯେତେବେଳେ କୁରୈଶମାନଙ୍କୁ ହଜ଼ରତ୍ ଆଶିମଙ୍କ ଶହିଦ୍ ହେବାର ଏହି ସୂଚନାଟି ପ୍ରାପ୍ତ ହେଲା ସେତେବଳେ ସେମାନେ ରଜିଈ୍ ଆଡ଼କୁ କେତେକ ଲୋକମାନଙ୍କୁ ପ୍ରେରଣ କଲେ ଏବଂ ସେମାନଙ୍କୁ ଆଗ୍ରହପୂର୍ବକ ଚେତାବନୀ ଦେଇ କହିଲେ ଯେ, ଆସିମଙ୍କ ମୁଣ୍ଡ କିମ୍ବା ଶରୀରର ଯେକୌଣସି ଅଙ୍ଗ ଛେଦନ କରି ନିଜ ସାଙ୍ଗରେ ଧରି ଆସନ୍ତୁ । ଏହାର କାରଣ ଯେ, ସେମାନଙ୍କୁ ସନ୍ତୁଷ୍ଟି ପ୍ରାପ୍ତ ହୋଇଯାଉ ଏବଂ ସେମାନେଙ୍କ ହୃଦୟରେ ପ୍ରତିଶୋଧ ନେବାର ଯେଉଁ ଆକାଂକ୍ଷା ରହିଥିଲା ତାହା ପୂର୍ଣ୍ଣ ହୋଇ ସେମାନଙ୍କ ହୃଦୟକୁ ସନ୍ତୁଷ୍ଟି ତଥା ଶାନ୍ତି ମିଳୁ । ଏମିତି କରିବା ପଛରେ ସେହି କୁଫ୍ଫାରମାନଙ୍କର ଏକ ଉଦ୍ଦେଶ୍ୟ ନିହିତ ରହିଥିଲା ଯେ,ହଜ଼ରତ୍ ଆସିମ୍ ବଦର୍ ଯୁଦ୍ଧରେ କୁରୈଶମାନଙ୍କର ଏକ ପ୍ରତିଷ୍ଠିତ ଅଧିପତିଙ୍କୁ ହତ୍ୟା କରିଥିଲେ । କିନ୍ତୁ ଅଲ୍ଲାଃତାଲାଙ୍କର ଏପରି ଚମତ୍କାର ହେଲା ଯେ, ସେହି ଶହିଦ୍ ହୋଇଥିବା ସାହାବାମାନଙ୍କର ଶବକୁ ମହୁମାଛିମାନ କୁଫ୍ଫାରମାନଙ୍କର କବଳରୁ ରକ୍ଷାକଲେ ଯଦ୍ୱାରାକି ସେହି କୁଫ୍ଫାରମାନେ ସେମାନଙ୍କର ଏହି ମନ୍ଦ ଉଦ୍ଦେଶ୍ୟରେ ଆଉ ସଫଳ ହୋଇପାରିଲେ ନାହିଁ ଏବଂ ସେଠାରୁ ପଳାୟନ କେଲେ ।

ଏକ ରିୱାୟତରେ ଉଲ୍ଲିଖିତ ରହିଛି ଯେ,ର ହଜ଼ରତ୍ ଆସିମ୍ ଶତ୍ରୁ ବିପକ୍ଷରେ ତୀର ବର୍ଷଣ କରିଯାଉଥିଲେ ଏବଂ ଏହି କବିତା ପଢିଯାଉଥିଲେ ଯାହାର ଅନୁବାଦ ଏହିପରି ଅଟେ ଯେ, ମୃତ୍ୟୁ ଚିରନ୍ତନ ସତ୍ୟ ଅଟେ ଏବଂ ଜୀବନ ମୂଲ୍ୟହୀନ ଅଟେ । ଯେତେବେଳେ ଈଶ୍ୱର ଯଦି କୌଣସି ବ୍ୟକ୍ତି ସଂପର୍କରେ କୌଣସି ଭାଗ୍ୟବିଚାର ଧାର୍ଯ୍ୟ ବା ସ୍ଥିର କରନ୍ତି ତାହ ହିଁ ଅବତୀର୍ଣ୍ଣ ହୋଇଥାଏ ଏବଂ ସେହି ବ୍ୟକ୍ତି ସେହି ଭାଗ୍ୟବିଚାରକୁ ସହୃଦୟ ହୋଇ ସ୍ୱୀକାର କରିବା ଦରକାର । ସୁତରାଂ ଯେତେବେଳେ ହଜରତ୍ ଆସିମ୍ ର.ଅଙ୍କର ତୀରଗୁଡିକ ଶେଷ ହୋଇଗଲା ସେତେବେଳେ ସେ ବର୍ଚ୍ଛା ସାହାଯ୍ୟରେ ଯୁଦ୍ଧ କଲେ ଏବଂ ଯେତେବେଳେ ବର୍ଚ୍ଛାର ଅଗ୍ରମୁନ ଭାଙ୍ଗିଗଲା ସେତେବେଳେ ସେ ତରବାରୀ ବାହାର କରି ଲଢିବାକୁ ଲାଗିଲେ ଏବଂ ପରିଶେଷରେ ନିଜର ପ୍ରାଣ ହରାଇଲେ ।

ହଜ଼ୁରେ ଅନୱର୍ କହିଲେ ଅନ୍ୟ ଜଣେ ସାହାବି ଯାହାଙ୍କ ଚର୍ଚ୍ଚା ହେବ ତାଙ୍କର ନାମ ହେଲା ସହଲ୍ ବିନ୍ ହନିଫ୍ ଅନସାରୀ । ତାଙ୍କ ପିତାଙ୍କ ନାମ ହନିଫ୍ ଥିଲେ ଏବଂ ମାତାଙ୍କ ନାମ ହିନ୍ଦ୍ ବିନତ୍ ରାଫେ ଥିଲା । ତାଙ୍କ ମାତାଙ୍କର ଦୁଇ ଭାଇ  ଯଥା, ଅବ୍ଦୁଲ୍ଲାଃ ଏବଂ ନୁମାନ୍ ଥିଲେ । ହଜ଼ରତ୍ ସହଲଙ୍କର ଦୁଇ ପୁତ୍ର ଯଥା ଅସଦ୍ ଏବଂ ଉସମାନ୍ ଥିଲେ । ହଜ଼ରତ୍ ସହଲଙ୍କର ସନ୍ତାନମାନେ ମଦିନା ଏବଂ ବାଗଦାଦ୍ ଠାରେ ଅଧିବାସୀ ହୋଇ ବସବାସ କରିଥିଲେ । ହୁଜ଼ୁର୍ ସ.ଅ ହଜ଼ରତ୍ ସହଲ୍ ଏବଂ ହଜ଼ରତ୍ ଅଲୀଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ୁର୍ ସ.ଅଙ୍କ ସହଚର ରୂପେ ଶାମିଲ୍ ଥିଲେ । ଇବନେ ଉବୈନାଃ ବର୍ଣ୍ଣନା କରନ୍ତି ଯେ, ହୁଜ଼ୁର୍ ସ.ଅ ବନୁ ନଜ଼ିରଙ୍କ ଧନସମ୍ପତ୍ତି ମଧ୍ୟରୁ ହଜ଼ରତ୍ ସହଲ୍ ବିନ୍ ହନିଫ୍ ଏବଂ ଅବୁ ଦୁଜାନାଙ୍କ ବ୍ୟତୀତ ଅନ୍ୟ ଅନସାରମାନଙ୍କ ମଧ୍ୟରୁ କାହାରିକୁ ପ୍ରଦାନ କଲେ ନାହିଁ । କାରଣ ଏ ଦୁହେଁ ଗରିବ  ଥିଲେ । ନିର୍ଧନତା ତଥା ଦାରିଦ୍ର୍ୟତାରେ ଜୀବନ ଅତିବାହିତ କରୁଥିଲେ ।

ହଜ଼ରତ୍ ସହଲ୍ ବିନ୍ ହନିଫ୍ ସର୍ବୋଚ୍ଚ ତଥା ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦରି ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଯିଏ କି ଓହୋଦ୍ ଯୁଦ୍ଧ ଦିନ ଦୃଢତା ତଥା ଅବିଚଳତାର ଏବଂ ସାହାସିକତାର ପରିଚୟ ଦେଇଥିଲେ । ମୃତ୍ୟୁର ସମୀପ, ଅନ୍ତିମ ସମୟରେ ସେ ଆଁହୁଜ଼ୁର୍ ସ.ଅଙ୍କର ବୈତ୍ କରିଥିଲେ । ସେହି ଓହୋଦ୍ ଯୁଦ୍ଧରେ ହଜ଼ରତ୍ ସହଲ୍ ବିନ୍ ହନିଫ୍ ର.ଅ ଆଁହୁଜ଼ୁର୍ ସ.ଅଙ୍କ ସମ୍ମୁଖରେ ଢାଲ ସଦୃଶ ଛିଡ଼ା ହୋଇ ରହିଥିଲେ । ଯେତେବେଳେ ଶତ୍ରୁମାନଙ୍କ ଲଗାତାର ଏବଂ ପ୍ରବଳ ଆକ୍ରମଣ କରିବା ଫଳରେ ମୁସଲମାନମାନେ ବିକ୍ଷିପ୍ତ ହୋଇଯାଇଥିଲେ ଏବଂ ଶତ୍ରୁମାନେ ଆଁହଜ଼ରତ୍ ସ.ଅଙ୍କ ଉପରକୁ ତୀର ଚଳାଇଲେ ସେତେବେଳେ ଆଁହୁଜ଼ୁର୍ ସ.ଅ କହିଲେ ଯେ, **سَهْلٌ** **بَلُوْا سَهْلاً فَاِنَّهٗ** ଯେ, ସହଲଙ୍କୁ ଧନୁତୀର ଧରାଅ ! କାରଣ ଧନୁତୀର ଚଳାଇବା ତାଙ୍କ ପକ୍ଷରେ ସହଯସାଧ ଅଟେ । ବନୁ ନଜ଼ିରଙ୍କ ଘେରାଉ କରିଥିବା ଦିନମାନଙ୍କରେ ଗଜ଼ୁଲ୍ ନାମକ ଏକ ଅଭିଜ୍ଞ ବର୍ଚ୍ଛା ଚାଳନକାରୀ ଇହୁଦି ବ୍ୟକ୍ତିଟିଏ ଥିଲା । ସେ ଏକ ସୈନ୍ୟଦଳ ସାଙ୍ଗରେ ଧରି ମୁସଲମାନମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବାହାରିଥିଲା । ହଜ଼ରତ୍ ଅଲୀ ଏହାର ସୁଯୋଗ ପାଇ ଗଜ଼ୁଲକୁ ହତ୍ୟା କରିଦେଲେ । ଗଜ଼ୁଲ୍ ସହିତ ଯେଉଁ ଲୋକମାନେ ଥିଲେ ଏହା ଦେଖି ସେମାନେ ସେଠାରୁ ପଳାୟନ କଲେ । ସେମାନଙ୍କୁ ଦଣ୍ଡିତ ତଥା ଶାସ୍ତି ଦେବା ପାଇଁ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅଲୀ ର.ଅଙ୍କ ନେତୃତ୍ୱରେ ସମ୍ମିଳିତ ଦସଜଣ ବ୍ୟକ୍ତିଙ୍କର ଏକ ସୈନ୍ୟଦଳକୁ ପ୍ରେରଣ କରିଥିଲେ । ଯେଉଁମାନ କି ସେହି କୁଫ୍ଫାରମାନାଙ୍କର ପିଛା କରି ସେମାନଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କଲେ । ଏହି କାରଣ ଯୋଗୁଁ ସେହି ସାହାବାମାନେ ଯୁଦ୍ଧ ନିମନ୍ତେ ଲୁଚିଛପି ଆକ୍ରମଣ କରି ସେମାନଙ୍କୁ ହତ୍ୟା କରିବା ପାଇଁ ବାହାରିଥିଲେ । ଏହି ସୈନ୍ୟ ଦଳରେ ଯେଉଁମାନେ ହଜ଼ରତ୍ ଅଲୀ ର.ଅଙ୍କୁ ସହାୟତା କରିଥିଲେ ସେମାନେ ହେଲେ ହଜରତ୍ **ଅବୁ ଦୁଜାନା ଏବଂ ହଜ଼ରତ୍ ସହଲ୍ ବନ୍ ହନଫ୍** ଶାମିଲ୍ ଥିଲେ । ଖୈବର୍ ବିଜୟ ପରେ ଯେତେବେଳେ ଆଁହଜ଼ରତ୍ ସ.ଅଙ୍କ ସୈନ୍ୟସାମନ୍ତମାନେ ମଦିନା ମୁନୱରାଃର ନିକଟବର୍ତ୍ତୀ ଏକ ନଦୀ ପ୍ଳାବିତ ନିମ୍ନ ବୀସ୍ତିର୍ଣ୍ଣ ସମତଳ ଭୂମିରେ ଅବତରଣ କଲେ ଇହୁଦିମାନେ ସେଠାରେ ପୂର୍ବରୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ଆଁହଜ଼ରତ୍ ସ.ଅ ସାହାବାମାନଙ୍କୁ ଯଥାଶୀଘ୍ର ଧାଡ଼ି କରିବା ପାଇଁ ଆଦେଶ ଦେଲେ ଏବଂ ସେତେବେଳେ ହଜ଼ରତ୍ ସାଆଦ୍ ବିନ୍ ଉବାଦାଃଙ୍କୁ ଲିୱା (ଅର୍ଥାତ୍ ଧ୍ୱଜା) ପ୍ରଦାନ କଲେ ଏବଂ ଅନ୍ୟ ପତାକାମାନଙ୍କ ମଧ୍ୟରୁ ଗୋଟିଏ ହଜ଼ରତ୍ ଖୁବ୍ବାବ ବିନ୍ ମୁନଜ଼ରଙ୍କୁ ଓ ଦ୍ୱିତୀୟଟି ହଜ଼ରତ୍ ସହଲ୍ ବିନ୍ ହନିଫଙ୍କୁ ଏବଂ ତୃତୀୟଟି ଉବାଦାଃ ବିନ୍ ବଶରଙ୍କୁ ହସ୍ତାନ୍ତରିତ କଲେ (ଅର୍ଥାତ୍ ଧରାଇଲେ) । ସୁତରାଂ ଏହି ଯୁଦ୍ଧ ସଂଘଟିତ ହେବା ଫଳରେ ସମସ୍ତ ଅଞ୍ଚଳ ମୁସଲମାନମାନଙ୍କ ଶାସନାଧୀନ ହୋଇଗଲା ।

ହଜରତ୍ ସହଲ୍ ବିନ୍ ହନିଫ୍ ବର୍ଣ୍ଣନା କରନ୍ତି ଯେ,ରସୁଲୁଲ୍ଲାଃ ସ.ଅ ମୋତେ ସମ୍ବୋଧିତ କରି କହିଲେ ଯେ, ତୁମେ ମକ୍କା ଆଡ଼କୁ ମୋର ବାର୍ତ୍ତାବହନକାରୀ ଅଟ । ଅତଃ ତୁମେ ସେମାନଙ୍କୁ ମୋର ସାଦର ସଲାମ୍(ପ୍ରଣାମ)ଜଣାଇବ ବା କହିବ ଏବଂ ସେମାନଙ୍କୁ ଯାଇ କହିବ ଯେ, **ରସୁଲୁଲ୍ଲାଃ ସ.ଅ ତୁମକୁ ତିନୋଟି କଥାର ଆଦେଶ ଦେଇଅଛନ୍ତି** । ସେଗୁଡ଼ିକ ହେଲା ୧-ନିଜ ବାପାଙ୍କର ତଥା ପିତାମହ

ଅର୍ଥାତ୍ ଜେଜେ ବାପାଙ୍କର ଅଯଥା ଶପଥ (ପ୍ରତିଜ୍ଞା) କର ନାହିଁ ,୨- ଯେତେବେଳେ ତୁମେ ପ୍ରସାଧନ ଅର୍ଥାତ୍ ମଳମୁତ୍ର ତ୍ୟାଗ କରିବା ପାଇଁ ପଦାକୁ ଯିବ ସେତେବେଳେ ତୁମେ କିବଲାଃ ଦିଗକୁ ମୁହଁ କରି ବସିବ ନାହିଁ, ୩-ସେହିପରି ହୁଜୁରୁ ସ.ଅ ତୃତୀୟ ଉପଦେଶ ଦେଇ କହିଲେ ଯେ, ମଳମୁତ୍ର ତ୍ୟାଗପରେ ଇସ୍ତିନ୍‌ଜା ଅର୍ଥାତ୍ ନିଜର ମଳ ମୁତ୍ର ଠାରୁ ନିଜକୁ ପବିତ୍ର କରିବା ପାଇଁ ଜୀବଜନ୍ତୁମାନଙ୍କର ଅସ୍ଥୀ ବା ହାଡ଼ ଏବଂ ଗୋବର ଆଦିର ଆଦୌ ପ୍ରୟୋଗ କରନାହିଁ ।

ଯେତେବେଳେ ହଜ଼ରତ୍ ଅଲୀ ର.ଅଙ୍କର ବୈତ୍ କରାଯାଇଥିଲା ସେତେବେଳେ ହଜ଼ରତ୍ ସହଲ୍ ତାଙ୍କ ସହିତ ଥିଲେ । ଯେତେବେଳେ ହଜ଼ରତ୍ ଅଲୀ ବସରାଃ ଆଡ଼କୁ ଗମନ କଲେ ବା ବାହାରିଲେ ସେତେବେଳେ ହଜ଼ରତ୍ ସହଲଙ୍କୁ ନିଜର ସ୍ଥାନପାତ୍ର (କାଏମ୍ ମକାମ୍) ବୋଲି ସ୍ଥିର କଲେ । ହଜ଼ରତ୍ ସହଲ୍ ହଜ଼ରତ୍ ଅଲୀଙ୍କ ସହିତ ସଫ୍ଫିନ୍ ଯୁଦ୍ଧରେ ଶାମିଲ ଥିଲେ । ହଜ଼ରତ୍ ଅଲୀ. ର.ଅ ହଜ଼ରତ୍ ସହଲଙ୍କୁ ଫାରିସ୍ ଦେଶର ଶାସକ ରୂପେ ନିଯୁକ୍ତ କରିଥିଲେ । ହଜ଼ରତ୍ ସହଲଙ୍କର ଦେହାନ୍ତ ସଫ୍ଫିନ୍ ଯୁଦ୍ଧରୁ ଫେରିବା ବାଟରେ କୁଫା ନାମକ ଏକ ସ୍ଥାନରେ ୩୮ ହିଜରିରେ ହୋଇଥିଲା । ତାଙ୍କର ନମାଜ଼େ ଜନାୟା ହଜ଼ରତ୍ ଅଲୀ ର.ଅ ପଢ଼େଇଥିଲେ । ହଜ଼ରତ୍ ହିନଶ୍ ବିନ ମୁଅତ୍ତର୍ ର.ଅ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ହଜ଼ରତ୍ ସହଲ୍ ବିନ୍ ହନିଫଙ୍କର ବିୟୋଗ ଘଟିଲା ସେତେବେଳେ ହଜରତ୍ ଅଲୀ ର.ଅ ତାଙ୍କର ନମାଜ଼େ ଜନାୟା ପଢାଇବା ନିମନ୍ତେ ପଡ଼ିଆ ଅର୍ଥାତ୍ ଜନାଜ଼ା କ୍ଷେତ୍ରକୁ ପଦାର୍ପଣ ବା ପ୍ରବେଶ କରିଥିଲେ ଏବଂ ନମାଜ଼େ ଜନାୟାରେ ୬ ତକବିରାତ୍ କହିଲେ । ଏହି କଥାଟି କେତେକ ଲୋକମାନଙ୍କୁ ଉଚିତ୍ ବୋଲି ମନେହେଲା ନାହିଁ । ସୁତରାଂ ହଜ଼ରତ୍ ଅଲୀ ନିଜର ପକ୍ଷ ରଖିଲେ ଏବଂ ସେହି ଆପତ୍ତିକାରୀଙ୍କୁ ଉତ୍ତର ଦେଇ କହିଲେ ଯେ, ହଜ଼ରତ୍ ସହଲ୍ ଜଣେ ବଦରି ସାହାବୀ ଅଟନ୍ତି । ଯେତେବେଳେ ତାଙ୍କର ଜନାୟା ଯବାନା ନାମକ ଏକ ସ୍ଥାନରେ ପହଞ୍ଚିଲା ସେତେବେଳେ ହଜ଼ରତ୍ କୁରଜ଼ା ବିନ୍ କାଆବ୍ ନିଜର କେତେକ ସାଙ୍ଗମାନଙ୍କ ସହିତ ଆମକୁ (ଅର୍ଥାତ୍ ହଜ଼ରତ୍ ଅଲୀଙ୍କୁ) ସାକ୍ଷାତ୍ କଲେ । ତେବେ ସେମାନେ ଅର୍ଥାତ୍ କୁରଜ଼ା ବିନ୍ କାଆବ୍ ର.ଅ ଏବଂ ତାଙ୍କର ସାଙ୍ଗମାନେ ହଜ଼ରତ୍ ଅଲୀଙ୍କ ସମକ୍ଷରେ ଉପସ୍ଥିତ ହୋଇ କହିଲେ ଯେ, ହେ ଅମିରୁଲ୍ ମୁମେନିନ୍ ଆମେମାନେ ଦୁର୍ଭାଗ୍ୟବଶତଃ ହଜ଼ରତ୍ ସହଲ୍ ର.ଅଙ୍କର ଜନାୟାରେ ଶାମିଲ୍ ହୋପାରି ନଥିଲୁ । ତେଣୁ ଆମକୁ ହଜ଼ରତ୍ ସହଲ୍ ର.ଅଙ୍କର ନମାଜ଼େ ଜନାୟା ପଢିବା ପାଇଁ ଅନୁମତି ପ୍ରଦାନ କରନ୍ତୁ । ସୁତରାଂ ଏହାର ପ୍ରତ୍ୟୁତ୍ତରରେ ହଜ଼ରତ୍ ଅଲୀ ର.ଅ ସେମାନଙ୍କୁ ହଜ଼ରତ୍ ସହଲ୍ ର.ଅଙ୍କର ନମାଜ଼େ ଜନାୟା ପଢିବା ପାଇଁ ଅନୁମତି ପ୍ରଦାନ କଲେ । ସୁତରାଂ ସେହି ନମାଜ଼େ ଜନାୟାରୁ ବଞ୍ଚିତ ହୋଇଯାଇଥିବା କେତେକ ସାହାବାମାନେ ହଜ଼ରତ୍ କୁରଜ଼ାଙ୍କ ଇମାମତ୍ୱରେ ହଜ଼ରତ୍ ସହଲ୍ ର.ଅଙ୍କ ନମାଜ଼େ ଜନାୟା ପଢିଲେ ।

ହଜୁରେ ଅନୱର୍ କହିଲେ ତୃତୀୟ ସାହାବି ଯାହାଙ୍କ ବିଷୟର ମୁଁ ଚର୍ଚ୍ଚା କରିବି ସେ ହଉଛନ୍ତି ହଜ଼ରତ୍ ଜବ୍ବାର୍ ବିନ୍ ସଖର୍ । ଯେକି ସଖର୍ ବିନ୍ ଉମୟୟାଃଙ୍କ ପୁତ୍ର ଥିଲେ । ହଜ଼ରତ୍ ଜବ୍ବାର୍ ବିନ୍ ସଖର୍ ୭୦ଜଣ ଅନସାରଙ୍କ ସହ ବୈତେ ଉକ୍‌ବା ସାନିୟାଃରେ ଶାମିଲ୍ ହୋଇଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଜବ୍ବାର୍ ଏବଂ ମିକ୍‌ଦାଦ୍ ବିନ୍ ଅମ୍ରଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ବଦର୍ ଯୁଦ୍ଧବେଳକୁ ତାଙ୍କୁ ପ୍ରାୟ ୩୨ ବର୍ଷ ହୋଇଥିଲା । ହୁଜୁର୍ ସ.ଅ ହଜ଼ରତ୍ ଜବ୍ବାରଙ୍କୁ ଖାରିସ୍ ଅର୍ଥାତ୍ ଖଜୁରୀର ଆମଦାନୀ ଆକଳନ କରିବା ନିମନ୍ତେ ଖୈବର୍ ଆଦି ସ୍ଥାନମାନଙ୍କୁ ପଠାଉଥିଲେ । ତାଙ୍କର ମୃତ୍ୟୁ ହଜ଼ରତ୍ ଉମର୍ ର.ଅଙ୍କ ଶାସନକାଳରେ ୩୦ ହିଜରୀରରେ ମଦିନା ଠାରେ ହୋଇଥିଲା । ମୃତ୍ୟୁ ବେଳକୁ ହଜ଼ରତ୍ ଜବ୍ବାରଙ୍କୁ ୬୨ ବର୍ଷ ବୟସ ହୋଇଥିଲା । ସେ ବଦର୍ , ଓହୋଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ହମରେକାବ୍ ଅର୍ଥାତ୍ ସହଯାତ୍ରୀ ଭାବେ ଶାମିଲ୍ ଥିଲେ ।

ବଦର୍ ଯୁଦ୍ଧ ଦିନ ଆଁହଜ଼ରତ୍ ସ.ଅ ପ୍ରାର୍ଥନା କଲେ ଯେ, اَللّٰهُمَّ اَكْفِنِيْ نَوْفِلَ اِبْنُ خُوَيْلَدْ ଯେ, "ହେ ଅଲ୍ଲାଃ ନୌଫିଲ୍ ବିନ୍ ଖୁୱୈଲଦ୍ ଯେକି ମୂର୍ତ୍ତି ଉପାସନାକାରୀ ମାନଙ୍କର ଜଣେ ନେତା ବା ଅଧ୍ୟକ୍ଷ ଥିଲା ତା ବିପକ୍ଷରେ ତୁମ୍ଭେ ମୋ ପାଇଁ ପର୍ଯ୍ୟାପ୍ତ ହୋଇଯାଅ" । ସୁତରାଂ ବର୍ଣ୍ଣନା କରାଯାଏ ଯେ,ହଜ଼ରତ୍ ଜବ୍ବାର ବିନ୍ ସଖର୍ ସେହି ନୌଫିଲକୁ ବନ୍ଦୀ କଲେ ଏବଂ ହଜ଼ରତ୍ ଅଲୀ ତା ନିକଟକୁ ଆସିଲେ ଏବଂ ତାକୁ ହତ୍ୟା କଲେ । ପୁନଶ୍ଚ ହୁଜୁର୍ ସ.ଅ ପ୍ରଶ୍ନ କଲେ ଯେ, ନୌଫିଲ୍ ସଂପର୍କରେ କାହା ପାଖରେ କିଛି ସୂଚନା ଅଛି କି ? ହଜ଼ରତ୍ ଅଲୀ ଉତ୍ତର ଦେଲେ ଯେ, ହେ ରସୁଲୁଲ୍ଲାଃ ମୁଁ ତାକୁ ହତ୍ୟା କରିଦେଇଅଛି । ଏହା ଶୁଣି ହୁଜୁର୍ ସ.ଅ ଏହି ପ୍ରାର୍ଥନାଟି କଲେ ଯେ, ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ଯେକି ସ୍ୱୟଂ ଆଡୁ ମୋର ପ୍ରାର୍ଥନା ସ୍ୱୀକାର କଲେ ।

ପୁନଶ୍ଚ ଏକ ବର୍ଣ୍ଣନାରେ ଉଲ୍ଲେଖ କରାଯାଏ ଯେ, ହୁଜୁର୍ ସ.ଅ ମଦିନାକୁ ପ୍ରବାସ କଲେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କର ଏହି ଅଭିଳାଷା ରହିଥିଲା ଯେ, ହୁଜୁର୍ ,ସ.ଅ ତାଙ୍କ ଘରେ ଆତିଥ୍ୟତା ସ୍ୱୀକୀର କରି ସ୍ଥାୟୀରୂପେ ବସବାସ କରନ୍ତୁ । ତେଣୁ ତତ୍ ସଂପର୍କରେ ଅନେକ ଦୃଷ୍ଟାନ୍ତ ତଥା ଉଦାହାରଣମାନ ଦେଖିବାକୁ ମିଳିଥାଏ । କିନ୍ତୁ ଆଁହଜ଼ରତ୍ ସ.ଅ କହିଲେ ଯେ, ମୋର ଓଟଟି ଯେଉଁଠି ବସିବ ସେହି ସ୍ଥାନରେ ମୁଁ ଶିବିର ସ୍ଥାପନ କରି ବସବାସ କରିବି । ସୁତରାଂ ଓଟଟି ମଦିନାର ଗଳିକନ୍ଦି ମଧ୍ୟ ଦେଇ ସେହି ସ୍ଥାନରେ ବସି ପଡ଼ିଲା ଯେଉଁଠି କି ବର୍ତ୍ତମାନ ମସଜିଦେ ନବୱିର କବାଟ ରହିଛି । ଏହି ଅବସରରେ ହଜ଼ରତ୍ ଜବ୍ବାର ବିନ୍ ସଖର୍ ଏହି ଆଶାଟି ପୋଷଣ କରିଥିଲେ ଯେ, ଓଟଟି ବନୁ ସଲମି (ମୁହଲ୍ଲାଃରେ) ନଗରରେ ଯାଇ ଅଟକିବ । ତେଣୁ ହଜ଼ରତ୍ ଜବ୍ବାର୍ ସେହି ଓଟଟିକୁ ଛିଡ଼ା କରିବା ପାଇଁ ପ୍ରଚେଷ୍ଟା କଲେ । ହେଲେ ସେହି ଓଟଟି ଛିଡ଼ା ହେଲା ନାହିଁ । ସୁତରାଂ ରସୁଲୁଲ୍ଲାଃ ସ.ଅ.ବ ତଳକୁ ଓହ୍ଲାଇଲେ ଏବଂ ଏବଂ ହିଲେ ଯେ, ଇନଶାଅଲ୍ଲାଃ ଏହିଠାରେ ହିଁ ଆମର ଶିବିର ସ୍ଥାପନ ହେବ ତଥା ବସବାସ ହେବ ଏବଂ ହୁଜୁର୍ ସ.ଅ ଏହି ଆୟତ୍ (ସୂକ୍ତିର) ଆବୃତ୍ତି କଲେ,

(المؤمنون:30)وَ قُلْ رَّبِّ اَنْزِلْنِيْ مُنْزَلًا مُّبٰرَكًا وَّاَنْتَ خَيْرُ الْمُنْزِلِيْنَ ଅର୍ଥାତ୍ "ହେ ଆମ୍ଭର ପାଳନକର୍ତ୍ତା ! ତୁମ୍ଭେ ଆମ୍ଭକୁ ଏପରି ଅବସ୍ଥାରେ ଅବତରଣ କରାଅ ଯେପରିକି ଆମ୍ଭ ଉପରେ ପ୍ରଚୁର ପରିମାଣରେ ଆଶୀର୍ବାଦ ଅବତୀର୍ଣ୍ଣ ହେଉଥିବ; ଏବଂ ତୁମ୍ଭେ ହିଁ ସମସ୍ତ ଅବତରଣ କରାଉଥିବା ଲୋକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ।" ପୁନଶ୍ଚ ରସୁଲୁଲ୍ଲାଃ ସ.ଅ କହିଲେ ଯେ,କାହାର ଘର ଅତି ନିକଟତର ଅଟେ । ହଜ଼ରତ୍ ଅୟୁବ୍ ଅନସାରୀ ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ଏଇଟି ମୋର ଘର ଏବଂ ଏଇ ମୋର କବାଟ ଅଟେ । ଆମ୍ଭେ ଆପଣଙ୍କ ଓଟର ଉପରିସ୍ଥ ଆସନ ସଦୃଶ ପାହାଡ଼ ବା ପଲାଣକୁ ଭିତରେ ଘର ଭିତରେ ଥୋଇ ଦେଇଅଛୁ । ଏହାର ପ୍ରତିଉତ୍ତରରେ ହୁଜୁର୍ ସ.ଅ କହିଲେ, ହଉ ଚାଲ ଏଥର ମୋ ବିଶ୍ରାମ ନିମନ୍ତେ ସ୍ଥାନର ବ୍ୟବସ୍ଥା କର ସୁତରାଂ ହଜ଼ରତ୍ ଅୟୁବ୍ ଅନସାରୀ ଗଲେ ଏବଂ ହୁଜୁର୍ ସ.ଅ ବିଶ୍ରାମ ନିମନ୍ତେ ସ୍ଥାନର ବ୍ୟବସ୍ଥା କଲେ ।

ଏକଦା ଶାଅସ୍ ବିନ୍ କୈସ୍ ଯିଏ କି ମୁସଲମାନମାନଙ୍କ ସହିତ ଅତ୍ୟନ୍ତ ବୈରାଗ୍ୟପୂର୍ଣ୍ଣ ଶତ୍ରୁତା ରଖୁଥିଲା । ସେ ମୁସଲମାନମାନଙ୍କ ଏକ ସଂପ୍ରଦାୟର ନଗର ପଥ ଦେଇ ଅତିକ୍ରମ କଲା । ଯେଉଁମାନେ କି ପରସ୍ପର ମଧ୍ୟରେ ପ୍ରେମ ଓ ମୈତ୍ରୀ କଥାବାର୍ତ୍ତା କରୁଥିଲେ । ସେହି ମୁସଲମାନ ମାନଙ୍କର ପରସ୍ପର ମଧ୍ୟରେ ଏଭଳି ଶାନ୍ତିପୂର୍ଣ୍ଣ ସନ୍ଧି ତଥା ମିଳାମିଶାର ବାତାବରଣ ଦେଖି ଶାଅସ୍ ବିନ୍ କୈସ୍ ଅତ୍ୟନ୍ତ ପ୍ରକୋପୀୟ ତଥା କ୍ରୋଧିତ ହୋଇପଡ଼ିଲା । ଶାଅସ୍ ବିନ୍ କୈସ୍ କିହଲେ ଯେ, ବନୁ କୈଲାଃର ଅଧ୍ୟକ୍ଷମାନେ ସେହି କ୍ଷେତ୍ର ତଥା ଭୂଖଣ୍ଡରେ ବିଦ୍ୟମାନ ରହିଛନ୍ତି । ଯେପର୍ଯ୍ୟନ୍ତ ସେମାନଙ୍କର ଅଧ୍ୟକ୍ଷ ଅର୍ଥାତ୍ ମୁସଲମାନମାନଙ୍କର ଅଧ୍ୟକ୍ଷ ପରସ୍ପର ସହିତ ଏକତ୍ରିତ ହୋଇ ରହିଥିବେ ମୋତେ (ଅର୍ଥାତ୍ ଶାଅସ୍ ବିନ କୈସକୁ) ଶାନ୍ତି ମିଳିବ ନାହିଁ । ଶାଅସ୍ ବିନ କୈସ୍ ଜଣେ ଇହୁଦୀକୁ ଯେକି ସେହି ମୁସଲମାନମାନଙ୍କ ସହିତ ତାର ମିଳାମିଶାର ସମ୍ପର୍କ ଥିଲା, ଏହି କାର୍ଯ୍ୟରେ ନିୟୋଜିତ କଲା (ଅର୍ଥାତ୍ ମୁସଲମାନମାନଙ୍କ  ମଧ୍ୟରେ ଫାଟ ସୃଷ୍ଟି କରିବା ପାଇଁ)ଯ,ସେ ମୁସଲମାନମାନଙ୍କ  ନିକଟକୁ ଯାଇ ସେମାନଙ୍କ ପାଖରେ ବସି ଯୁଦ୍ଧପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିସ୍ଥିତି ସଂପର୍କରେ ଚର୍ଚ୍ଚା କରି ଏବଂ ମୁସଲମାନମାନଙ୍କୁ ବ୍ୟଙ୍ଗାତ୍ମକ କବିତା ଶୁଣାଇ ଯେଉଁ କବିତାଗୁଡ଼ିକ କି ମୁସଲମାନମାନେ ପରରସ୍ପର ପ୍ରତି ପରସ୍ପରକୁ ବ୍ୟଙ୍ଗବିଦ୍ରୂପ କରି ଜାହେଲିୟତ୍ ଅର୍ଥାତ୍ ଅବିଜ୍ଞଶୂନ୍ୟ କାଳରେ କହୁଥିଲେ । ସୁତରାଂ ସେ ତାହା ହିଁ କଲା ଏବଂ ତାହାର ଏହି ଯୋଜନାଟି ପ୍ରଭାବଶାଳୀ ରୂପେ କାର୍ଯ୍ୟକାରୀ ହୋଇ ଫଳପ୍ରଦ ବୋଲି ସାବ୍ୟସ୍ତ ହେଲା । ତେଣୁ ଏହାର ପରିଣତି ଏହା ହେଲେ ଯେ, ଯେଉଁ ସାହାବାମାନେ ପରସ୍ପର ମଧ୍ୟରେ ଏକତ୍ରିତ ବସି ହସଖୁସି ତଥା ପ୍ରେମପୂର୍ଣ୍ଣ କଥାବାର୍ତ୍ତା ହେଉଥିଲେ ଏହି ଉପଦ୍ରବ ଫଳରେ ପରସ୍ପର ପ୍ରତି କଟୁଭାଷାର ପ୍ରୟୋଗ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତ କି ସେମନଙ୍କ ମଧ୍ୟରୁ ଦୁଇଜଣ ବ୍ୟକ୍ତି ହଜ଼ରତ୍ ଅସ୍ ବିନ୍ କୈଜ଼ି ଏବଂ ହଜ଼ରତ୍ ଜବ୍ବାର୍ ବିନ୍ ସଖର୍ ପରସ୍ପର ସହିତ ଝଗଡ଼ା କରିବସିଲେ । ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟଜଣଙ୍କୁ କହିଲେ ଯେ, ଯଦି ତୁମେ ଚାହୁଁଛ ତେବେ ବର୍ତ୍ତମାନ ଏହି ମୁହୂର୍ତ୍ତରେ ଆମେ ଯୁଦ୍ଧର ପ୍ରାରମ୍ଭ କରିଦେଉଛୁ । ସୁତରାଂ ଯେତେବେଳେ ଏହି ସୂଚନାଟି ରସୁଲୁଲ୍ଲାଃ ସ.ଅଙ୍କୁ ପ୍ରାପ୍ତ ହେଲା ସେତେବେଳେ ସେ ଓସ୍ ଏବଂ ଖଜ଼ରଜ୍ ସଂପ୍ରଦାୟ ପାଖକୁ ଆସିଲେ ଏବଂ ସେତେବଳେ ହୁଜ଼ୁର୍ ସ.ଅଙ୍କ ସହିତ ପ୍ରବାସକାରୀ ସାହାବାମାନେ ମଧ୍ୟ ଥିଲେ । ହୁଜ଼ୁର୍ ସ.ଅ କହିଲେ ହେ ମୁସଲମାନ ଦଳମାନେ ଅଲ୍ଲାଃତାଲାଙ୍କର ତକ୍‌ୱାକୁ ଆପଣାଅ , ଅଲ୍ଲାଃତାଲାଙ୍କର ତକ୍‌ୱାକୁ ଆପଣାଅ । କ'ଣ ତୁମେମାନେ ଏବେ ବି ମୂର୍ଖତା ତଥା ଅନଭିଜ୍ଞପୂର୍ଣ୍ଣ ଦାବି କରୁଅଛ ଯେତେବେଳେ କି ମୁଁ ତୁମମାନଙ୍କ ମଧ୍ୟରେ ଉପସ୍ଥିତ ତଥା ବିଦ୍ୟମାନ ରହିଅଛି ଏବଂ ଅଲ୍ଲାଃତାଲା ତୁମମାନଙ୍କୁ ଇସଲାମ୍ ଧର୍ମ ପ୍ରତି ପଥପ୍ରଦର୍ଶନ କରିଅଛନ୍ତି ଏବଂ ତାଙ୍କ ଯୋଗୁଁ ହିଁ ତୁମମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଅଛି ଏବଂ ତୁମ ଠାରୁ ମୂର୍ଖତା ତଥା ଅବିଜ୍ଞଶୂନ୍ୟ ଦୂର କରିଦିଆଯାଇଅଛି । ଯେତେବେଳେ ସମ୍ମାନନୀୟ ସାହାବାମାନେ ଏହା ଜାଣିବାକୁ ପାଇଲେ ଯେ, ଏହା ଏକ ଶୈତାନୀ ୱସାୱିସ୍ ଅର୍ଥାତ୍ ଶୈତାନର ସନ୍ଦେହାସ୍ପଦ ଚକ୍ରାନ୍ତ ଅଟେ ଏବଂ ଶତ୍ରୁମାନଙ୍କର ଏକ ମନ୍ଦଯୋଜନା ଅଟେ । ତେଣୁ ସେମାନେ ନିଜର ଅସ୍ତ୍ରଶସ୍ତ୍ର ଫିଙ୍ଗିଦେଲେ ଏବଂ କ୍ରନ୍ଦନ କରିବାକୁ ଲାଗିଲେ ଏବଂ ଓସ୍ ଏବଂ ଖଜ଼ରଜ ସଂପ୍ରଦାୟର ଲୋକମାନେ ପରସ୍ପରକୁ ଆଲିଙ୍ଗନ କଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ନତମସ୍ତକ ତଥା ଅନୁତପ୍ତ ହୋଇ ନିଜକୁ ଆଜ୍ଞାପାଳନକାରୀ ବୋଲାଇ ଗର୍ବ ଅନୁଭବ କଲେ ଏବଂ ଫେରିଆସିଲେ । ଅଲ୍ଲାଃତାଲା ସେହି ସାହାବାମାନଙ୍କର ପରମ ଶତ୍ରୁ ଶାଅସ୍ ବିନ୍ କୈସଙ୍କ ଦ୍ୱାରା ପ୍ରଜ୍ୱଳିତ ହୋଇଥିବା ଅଗ୍ନିକୁ ଲିଭାଇଦେଲେ ।

ହୁଜ଼ୁରେ ଅନୱର୍ କହିଲେ : ସେ ଯାହାହେଉ ନା କାହିଁକି ସେହି ସାହାବାମାନଙ୍କର ଏହିପରି ଅବସ୍ଥା ଥିଲା । ଗୋଟିଏ ମୁହୂର୍ତ୍ତରେ ସେମାନେ ଶୈତାନର ଚକ୍ରାନ୍ତ, ଷଡ଼ଯନ୍ତ୍ର ତଥା ଧୋକାର ଶିକାର ହୋଇଯାଇଥିଲେ କିନ୍ତୁ ଅପର ମୁହୂର୍ତ୍ତରେ ଯେତେବେଳେ ସେମାନଙ୍କୁ ହୃଦୟବୋଧ କରାଗଲା ଏବଂ ଯେତେବେଳେ ଆଁହୁଜ଼ୁର୍ ସ.ଅ ସେହି ଲୋକମାନଙ୍କୁ କହିଲେ ଯେ,ତୁମେମାନନେ ମୂର୍ଖତା ତଥା ଅନଭିଜ୍ଞତା ଚକ୍ରବ୍ୟୁହରେ କାହିଁକି ଫେରିଯାଉଅଛ । ସେତେବେଳେ ହଠାତ୍ ସେମାନଙ୍କ ମନରେ ଅନୁତପ୍ତଭାବ ଜାତ ହେଲା ଏବଂ କେବଳ ସେହି ସାହାବାମାନେ ସନ୍ଧି ଆଡ଼କୁ ପାଦ ଚାଳନା କଲେ ନାହିଁ ବରଂ ସେମାନଙ୍କ ମଧ୍ୟରେ ପ୍ରେମ, ପ୍ରୀତି, ସଦଭାବନା ଆଦି ଆବେଗର ପରିପ୍ରକାଶ ଘଟିଲା । ସୁତରାଂ ଏହା ଥିଲା ସେହି ସାହାବାମାନଙ୍କର ଆଦର୍ଶ ତଥା ନମୁନା । ହେଲେ ଆଜି ଲୋକମାନେ ସାମାନ୍ୟ କଥାକୁ କେନ୍ଦ୍ର କରି ମିଥ୍ୟାରୂପୀ ସ୍ୱାଭିମାନ ଏବଂ ଆତ୍ମ ବଡ଼ିମାରେ ଲିପ୍ତ ହୋଇଯାଉଛନ୍ତି । ସେମାନଙ୍କ ନିମନ୍ତେ ଏହି ସଦାଚାରୀ ସାହାବାମାନଙ୍କର ଆଦର୍ଶମାନ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ସଦୃଶ । ଯଦି ସେହି ସାହାବାମାନେ ଯେଉଁମାନେ କି ପରସ୍ପରର ରକ୍ତ ପିପାସୁ ଥିଲେ, ପରସ୍ପର ସହିତ ଯୁଦ୍ଧ କରୁଥିଲେ ସେମାନେ ଯଦି ଭାଇ ଭାଇରେ ପରିଣତ ହୋଇପାରନ୍ତି ତେବେ ଜଣେ ମୁସଲମାନ ବ୍ୟକ୍ତି ଯେକି ଇସଲାମ୍ ଧର୍ମର **କଲମା** ଅର୍ଥାତ୍ ଜଣେ ମହାମନ୍ତ୍ର ଉଚ୍ଚାରଣକାରୀ ଅଥବା ଗୋଟିଏ ସଂପ୍ରଦାୟରେ ଜନ୍ମଗ୍ରହଣ ନେଇଥିବା ବ୍ୟକ୍ତିମାନେ ନିଜର ଅହଂଭାବ ତଥା ଆତ୍ମବଡ଼ିମାକୁ କାହିଁକି ସମାପ୍ତ କରିପାରିବେ ନାହିଁ । ଏପରି ଅନେକ ସମସ୍ୟାମାନ ଦେଖିବାକୁ ମିଳିଥାଏ ଯେ, ଯାହାକି ମିଥ୍ୟା ଅହଂଭାବନା ଯୋଗୁଁ ମନୋମାଳିନ୍ୟ ଆରମ୍ଭ ହୋଇଯାଇଥାଏ । କେତେକ ଯୁବକମାନେ ମୋତେ ପତ୍ର ଲେଖି ମୋତେ ଜଣାନ୍ତି ଯେ,ଯେତେବେଳେ ଆମେମାନେ ନିଜ ବଂଶ ତଥା ସ୍ୱଗୋତ୍ରରେ (ରିଶତା ନାତା) ସଂପର୍କସୂତ୍ର ସ୍ଥାପନ (ଅର୍ଥାତ୍ ବିବାହ) କରିବା ଇଚ୍ଛା କରୁ କିନ୍ତୁ ସେତେବେଳେ ବଂଶ ତଥା ସ୍ୱଗୋତ୍ରୀୟ ମନୋମାଳିନ୍ୟତା ଯୋଗୁଁ ଏବଂ ମୁରବୀ ତଥା ଗୁରୁଜନମାନଙ୍କ ଯୋଗୁଁ ସେହି ସଂପର୍କସୂତ୍ର ସ୍ଥାପନ କରିବା ସମ୍ଭବପର ହୋଇପାରେ ନାହିଁ । ହୁଜ଼ୁରେ ଅନୱର୍ କହିଲେ ଏ ପରିପ୍ରେକ୍ଷୀରେ ମୁଁ ଆମ ସଂପ୍ରଦାୟର ସେହି ଲୋକମାନଙ୍କୁ କହିଦେବାକୁ ଚାହେଁ ଯେ, ସେମାନେ ଏହା ମନେରଖନ୍ତୁ ଯେ, ଅଲ୍ଲାଃତାଲା ଆମମାନଙ୍କୁ ଯେଉଁ ନୀତିଶିକ୍ଷା ପ୍ରଦାନ କରିଅଛନ୍ତି ସେଗୁଡ଼ିକ ହେଲା ; ପ୍ରେମ, ସଦଭାବନା ,ଶାନ୍ତି, ପ୍ରୀତି, ମୈତ୍ରୀର ଶିକ୍ଷା ଅଟେ ଏବଂ ଏହା ଏକକ ଶିକ୍ଷା ଅଟେ ଏବଂ ଅଲ୍ଲାଃତାଲା ଆମମାନଙ୍କୁ ଗୋଟିଏ ଜାତିରୂପେ ଗଢିଛନ୍ତି ଏବଂ ଦେଖିବାକୁ ଚାହୁଁଛନ୍ତି । ଆମମାନଙ୍କୁ ସର୍ବଦା ଗୋଟିଏ ଜାତି ତଥା ଗୋଟିଏ ମନ ହୋଇ ରହିବା ଦରକାର୍ ଏବଂ ଆମେମାନେ ନିଜର ମିଥ୍ୟାରୂପୀ ସ୍ୱାଭିମାନ ଏବଂ ଆତ୍ମ ବଡ଼ିମାରେ ଯେପରି ପୁନର୍ବାର ଲିପ୍ତ ହୋଇ ପଥଭ୍ରଷ୍ଟ ହୋଇନଯାଉ । ସୁତରାଂ ଏଥି ନିମନ୍ତେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ । ଆମିନ୍

•••••••••••••••••••••

Khulasa Khutba Juma Huzoor Anwar a.b.a
24th AUG 2018

••••••••••••••••